# NATIONAL NEWS BULLETIN (ODIA)

**3 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୨୦୨୪ରେ ଭାରତୀୟ ଅର୍ଥନୀତି ଶତକଡ଼ା ୭ ଦଶମିକ ୫ ଭାଗର ଅଭିବୃଦ୍ଧି ହାସଲ କରିବା କଥା ବିଶ୍ୱବ୍ୟାଙ୍କ ପୂର୍ବାନୁମାନ କରିଛି ।
- ନିର୍ବାଚନ କମିଶନ ଆଜି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ଆଇନଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ସହ ଏକ ବୈଠକରେ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବ ।
- ୨୦୨୪-୨୫ ଆର୍ଥିକ ବର୍ଷର ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟିର ପ୍ରଥମ ଦ୍ୱିମାସିକ ବୈଠକ ମୁମ୍ବାଇରେ ଆରମ୍ଭ ହୋଇଛି ।
- ତାଇୱାନ୍‌ରେ ୭ ଦଶମିକ ୪ ତୀବ୍ରତା ବିଶିଷ୍ଟ ଏକ ଭୂମିକମ୍ପ ଅନୁଭୂତ ହୋଇଛି ।

ଏବଂ

- ମହାରାଷ୍ଟ୍ରର ଛତ୍ରପତି ଶମ୍ଭାଜୀନଗର ସ୍ଥିତ ଛାଉଣୀ ଠାରେ ଆଜି ଭୋରୁ ଏକ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୭ ଜଣ ଲୋକ ପ୍ରାଣ ହରାଇଛନ୍ତି ।

## ଇଣ୍ଡିଆ -ୱ୍ୱାର୍ଲଡ ବ୍ୟାଙ୍କ

୨୦୨୪ରେ ଭାରତୀୟ ଅର୍ଥନୀତି ଶତକଡ଼ା ୭ ଦଶମିକ ୫ ଭାଗର ଅଭିବୃଦ୍ଧି ହାସଲ କରିବା କଥା ବିଶ୍ୱବ୍ୟାଙ୍କ ପୂର୍ବାନୁମାନ କରିଛି ।

ବିଶ୍ୱବ୍ୟାଙ୍କ ଏହାର ପୂର୍ବ ଅଟକଳରେ ସଂଶୋଧନ କରି ଏହାକୁ ଆଉ ଶତକଡ଼ା ୧ ଦଶମିକ ୨ ଭାଗ ବୃଦ୍ଧି କରିଛି । ବିଶ୍ୱବ୍ୟାଙ୍କର ସଦ୍ୟ ଦକ୍ଷିଣ-ଏସୀୟ ବିକାଶ ତଥ୍ୟ ଅନୁସାରେ ଦକ୍ଷିଣ-ଏସିଆର ମୋଟାମୋଟି ଅଭିବୃଦ୍ଧି ୨୦୨୪ରେ ଶତକଡ଼ା ୬ ଭାଗ ରହିବ । ଭାରତର ଅଧିକ ଅଭିବୃଦ୍ଧି ଓ ପାକିସ୍ତାନ ଏବଂ ଶ୍ରୀଲଙ୍କାରେ ସୁଧାର ଯୋଗୁଁ ଏଭଳି ହେବାର ବିଶ୍ୱବ୍ୟାଙ୍କ କହିଛି । ରିପୋର୍ଟ ଅନୁସାରେ ଦକ୍ଷିଣ ଏସିଆ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ ବିଶ୍ୱର ଦ୍ରୁତ ବିକାଶକାରୀ ଅଞ୍ଚଳ ରହିବାର ଆଶା କରାଯାଉଛି । ୨୦୨୫ରେ ଦକ୍ଷିଣ ଏସିଆର ଅଭିବୃଦ୍ଧି ହାର ଶତକଡ଼ା ୬ ଦଶମିକ ୧ ଭାଗ ରହିବାର ଅନୁମାନ କରାଯାଇଛି ।

## ମୁମ୍ବାଇ-ଆର୍‌ବିଆଇ ମିଟିଂ

୨୦୨୪-୨୫ ଆର୍ଥିକ ବର୍ଷର ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟିର ପ୍ରଥମ ଦ୍ୱିମାସିକ ବୈଠକ ମୁମ୍ବାଇରେ ଆରମ୍ଭ ହୋଇଛି । ଶୁକ୍ରବାର ଦିନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ମୁଦ୍ରାନୀତିର ଘୋଷଣା କରିବେ । ଗତ ଫେବୃୟାରୀ ମାସରେ ମୁଦ୍ରାନୀତି କମିଟି ରେପୋରେଟ୍ କୁ ଶତକଡ଼ା ୬ ଦଶମିକ ୫ ଭାଗରେ ଅପରିବର୍ତ୍ତିତ ରଖିଥିଲା ।

# ତାଇୱାନ୍ ଆର୍ଥକ୍ୱେକ୍

ତାଇୱାନ ଭୂମିକମ୍ପରେ ୪ ଜଣ ଲୋକ ପ୍ରାଣ ହରାଇଥିବାର ଖବର ମିଳିଛି । ୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ରିକ୍ଟର ସ୍କେଲ୍‌ରେ ୭ ଦଶମିକ ୪ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଆଜି ତାଇୱାନ୍ ର ପୂର୍ବତଟରେ ଅନୁଭୂତ ହୋଇଥିଲା । ଫଳରେ ସେଠାରେ ସୁନାମୀ ସତର୍କତା ଜାରି କରାଯାଇଥିଲା । ଆମେରିକା ଭୂତତ୍ତ୍ୱ ସର୍ବେକ୍ଷଣ ବିଭାଗ କହିଛି ଭୂମିକମ୍ପର ତୀବ୍ରତା ୭ ଦଶମିକ ୪ ଥିବାର ରେକର୍ଡ କରାଯାଇଛି ଓ ଏହାର କେନ୍ଦ୍ରସ୍ଥଳୀ ତାଇୱାନ ର ହୁଆଲିଏନ୍ ସହରଠାରୁ ୧୮ କିଲୋମିଟର ଦୂରରେ ରହିଛି । ଭୂମିକମ୍ପର ଉତ୍ପତ୍ତିସ୍ଥଳ ଭୂପୃଷ୍ଠରୁ ୩୪ କିଲୋମିଟର ୮୦୦ ମିଟର ଗଭୀରରେ ରହିଛି । ତାଇପେଇ ଭୂମିକମ୍ପ ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ଓ୍ୱୁ ଚିଏନ୍ ଫୁ କହିଛନ୍ତି ଏହି ଭୂମିକମ୍ପର କମ୍ପନ ସମଗ୍ର ତାଇୱାନ୍ ରେ ଓ ତଟବର୍ତ୍ତୀ ଦ୍ୱୀପଗୁଡ଼ିକରେ ଅନୁଭବ କରାଯାଇଛି । ବିଗତ ୨୫ ବର୍ଷ ତୁଳନାରେ ଏହା ସବୁଠୁ ଶକ୍ତିଶାଳୀ ଭୂମିକମ୍ପ ବୋଲି ସେ କହିଛନ୍ତି । ପ୍ରାଥମିକ ରିପୋର୍ଟ ଅନୁସାରେ ହୁଆଲିଏନ୍ ରେ ବହୁତଳ ବିଶିଷ୍ଟ ଅଟ୍ଟାଳିକା ଗୁଡ଼ିକ ଆଂଶିକ ଭାବେ ଭୁଶୁଡ଼ି ପଡ଼ିଛି ଓ ଗୋଟିଏ ପଟକୁ ଢଳି ପଡ଼ିଛି । ଭୂମିକମ୍ପ ଯୋଗୁଁ ଦକ୍ଷିଣ ଜାପାନରେ ମଧ୍ୟ ସୁନାମୀ ସତର୍କତା ଜାରି କରାଯାଇଛି ।

ଖବର ଅନୁସାରେ ୟୋନାଗୁନୀ ଦ୍ୱୀପରେ ୩୦ ସେଣ୍ଟିମିଟର ଉଚ୍ଚର ସୁନାମୀ ଜାପାନ ସମୟ ୯ଟା ୧୮ ମିନିଟ୍‌ରେ ରେକର୍ଡ କରାଯାଇଥିଲା ।

ଏହାପରେ ଜାପାନ ପାଣିପାଗ ସଂସ୍ଥା ମିୟାକୋ ଜିମା ଏବଂ ଓକିନାୱା ଦ୍ୱୀପରେ ସତର୍କତା ଜାରି କରିଥିଲା । ସେହି ଦ୍ୱୀପଗୁଡ଼ିକରେ ୩ ମିଟର ଉଚ୍ଚର ଲହଡି ଆସିବାର ସତର୍କତା ଜାରି କରାଯାଇଥିଲା । ଫିଲିପାଇନ୍ସ ଭୂମିକମ୍ପ ଅଧ୍ୟୟନ ସଂସ୍ଥା ମଧ୍ୟ ସୁନାମୀ ସତର୍କତା ଜାରି କରିଥିଲା । ଚୀନ୍ ରାଷ୍ଟ୍ରୀୟ ଗଣମାଧ୍ୟମ କହିଛି ଦେଶର ଦକ୍ଷିଣ-ପୂର୍ବ ଫୁଜିଆନ୍ ପ୍ରଦେଶରେ ଏହି ଭୂମିକମ୍ପର କମ୍ପନ ଅନୁଭବ କରାଯାଇଛି ।

## ଇଣ୍ଡିଆ-ତାଇୱାନ ହେଲ୍ପ ଲାଇନ

ଇଣ୍ଡିଆ-ତାଇପେଇ ଆସୋସିଏସନ୍ ତାଇୱାନ ଭୂମିକମ୍ପ ସଂକ୍ରାନ୍ତରେ ସହାୟତା ପାଇଁ ଏକ ଜରୁରୀକାଳୀନ ହେଲ୍ପ୍ ଲାଇନ୍ ନମ୍ବର ଜାରି କରିଛି ।

ସେହି ନମ୍ବରଟି ହେଲା 09 05 24 79 06 । ଏଥିପାଇଁ ଇମେଲ୍ ହେଉଛି **ad.ita@mea.gov.in** । ତାଇୱାନ୍‌ରେ ରହୁଥିବା ଭାରତୀୟ ନାଗରିକମାନେ ସ୍ଥାନୀୟ କର୍ତ୍ତୃପକ୍ଷ ଜାରି କରିଥିବା ପରାମର୍ଶକୁ ପାଳନ କରିବା ପାଇଁ ଆସୋସିଏସନ ପକ୍ଷରୁ ଅନୁରୋଧ କରାଯାଇଛି । ତାଇୱାନ୍‌ରେ ୭ଦଶମିକ ୪ ତୀବ୍ରତା ବିଶିଷ୍ଟ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି ।

# କୁଚ୍‌ବିହାର କନ୍‌ଷ୍ଟିଚ୍ୟୁଏନ୍ସି

ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହେବାକୁ ଥିବା ପଶ୍ଚିମବଙ୍ଗର କୁଚ୍‌ବିହାର ଲୋକସଭା ଆସନକୁ ନେଇ ବିଭିନ୍ନ ଦଳ ଆଶାବାଦୀ ରହିଛନ୍ତି । ସେଠାରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ନିର୍ବାଚନ କମିଶନ ସମସ୍ତ ପଦକ୍ଷେପ ଗ୍ରହଣ କରିଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧୯ ତାରିଖରେ କୁଚ୍‌ବିହାରରେ ମତଦାନ ହେବ । ସେଠାରେ ୧୯ ଲକ୍ଷରୁ ଅଧିକ ମତଦାତା ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ । ୮୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ମତଦାତାଙ୍କ ସଂଖ୍ୟା ୧୦ ହଜାର ରହିଛି । ନିରାପତ୍ତା ବାହିନୀ ଯବାନମାନେ ଭୋଟରମାନଙ୍କ ମନୋବଳ ବୃଦ୍ଧି ପାଇଁ ମାର୍ଚ୍ଚିଙ୍ଗ୍ କରୁଛନ୍ତି । ପୋଲିସ୍ ଓ ଅନ୍ୟ ସରକାରୀ ସଂସ୍ଥା ଦ୍ୱାରା ବେଆଇନ ଅର୍ଥ ଓ ମାଦକ ଦ୍ରବ୍ୟ ଭଳି ପଦାର୍ଥ ଗୁଡ଼ିକୁ ଜବତ କରାଯାଉଛି । ଅନେକ ସ୍ଥାନରେ ନାକା ଯାଞ୍ଚ କରାଯାଉଛି । ନିର୍ବାଚନ କମିଶନ ଭୋଟ୍ ଗ୍ରହଣକାରୀ କର୍ମଚାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିସାରିଛି । ଅଧିକ ସଂଖ୍ୟାରେ ଲୋକମାନେ ମତଦାନ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଉଛି । ପଶ୍ଚିମବଙ୍ଗ ମାଧ୍ୟମିକ ଶିକ୍ଷା ବୋର୍ଡ ଅଧୀନସ୍ଥ ସ୍କୁଲ୍ ଗୁଡ଼ିକ କୁଚ୍‌ବିହାର, ଅଲିପୁର ଦୁଆର ଓ ଜଲପାଇଗୁଡ଼ି ଜିଲ୍ଲାରେ

ଆସନ୍ତା ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଆରମ୍ଭ ହୋଇଯାଇଛି ।

## ବିଜେପି-ଆପ୍

ଆମ୍ ଆଦମୀ ପାର୍ଟି ନେତା ତଥା ଦିଲ୍ଲୀ ସରକାରରେ ମନ୍ତ୍ରୀ ଆତୀଶି ଙ୍କ ଦାବୀ ଉପରେ ବିଜେପି ତାଙ୍କୁ  ନୋଟିସ୍ ଜାରି କରିଛି । ସେ ବିଜେପିରେ ଯୋଗଦେବା ପାଇଁ ତାଙ୍କ ଉପରେ ଚାପ ପକାଯାଉଥିବାର ଆତୀଶି ଦାବି କରିଥିଲେ । ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚ୍‌ଦେବା କହିଛନ୍ତି ଆତୀଶି ମିଥ୍ୟା କଥା କହିଛନ୍ତି ଓ ତାଙ୍କର ଅଭିଯୋଗ ଭିତ୍ତିହୀନ । ଆମ୍ ଆଦମୀ ପାର୍ଟି ର ମିଥ୍ୟା କଥା କହିବା ଏକ ଅଭ୍ୟାସରେ ପରିଣତ ହୋଇଥିବାର ସେ କହିଛନ୍ତି । ଶ୍ରୀ ସଚ୍‌ଦେବା କହିଛନ୍ତି ଆତୀଶିଙ୍କୁ କ୍ଷମାପ୍ରାର୍ଥନା କରିବା ପାଇଁ ସମୟ ଦିଆଯାଉଛି, କିନ୍ତୁ ଯଦି ସେ କ୍ଷମାପ୍ରାର୍ଥନା ନ କରନ୍ତି, ତେବେ ତାଙ୍କ ବିରୁଦ୍ଧରେ ମାନହାନୀ ମୋକଦ୍ଦମା କରାଯିବ ।

ଗତକାଲି ଆତୀଶି କହିଥିଲେ ବିଜେପିରେ ଯୋଗଦେବାକୁ ତାଙ୍କୁ ବିଜେପିରୁ ଚାପ ପକାଯାଉଛି । ସେ କହିଥିଲେ ସେ ବିଜେପିରେ ଯୋଗ ନ ଦେଲେ, ମାସେ ଭିତରେ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ତାଙ୍କୁ ଗିରଫ କରିବ ।

ଇତିମଧ୍ୟରେ ଆମ୍ ଆଦମୀ ପାର୍ଟି କହିଛି ପାର୍ଟିର ସମସ୍ତ ମନ୍ତ୍ରୀ, MLA, MP ଓ ନେତା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫ

ବିରୁଦ୍ଧରେ ପ୍ରତିବାଦ ସ୍ୱରୂପ ରବିବାର ଦିନ ଯନ୍ତରମନ୍ତର ଠାରେ ସାମୂହିକ ଅନଶନ ଧର୍ମଘଟ କରିବେ ।

## ରାଜସ୍ଥାନ ସେକେଣ୍ଡ୍ ଫେଜ୍ ନୋମିନେସନ୍

ରାଜସ୍ଥାନରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ହେଉଛି ପ୍ରାର୍ଥିପତ୍ର ଦାଖଲର ଶେଷଦିନ । ସେ ଦୃଷ୍ଟିରୁ ଆଜି ବିଜେପି ଓ କଂଗ୍ରେସର ବହୁ ବଡ଼ବଡ଼ ନେତା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

ଆମ ସମ୍ବାଦଦାତା ଜଣାଇଛନ୍ତି ପାଲି ରୁ ବିଜେପି ପ୍ରାର୍ଥୀ ପି.ପି. ଚୌଧୁରୀ ଓ ଜାଲୋର୍-ସିରୋହୀ ରୁ ବିଜେପି ପ୍ରାର୍ଥୀ ଲୁମ୍ବାରାମ ଚୌଧୁରୀ ଆଜି ସେମାନଙ୍କର ମନୋନୟନପତ୍ର ଦାଖଲ କରିଛନ୍ତି । କୋଟା ରୁ ବିଜେପି ପ୍ରାର୍ଥୀ ଓମ୍ ବିର୍ଲା ପ୍ରାର୍ଥିପତ୍ର ଦାଖଲ କରିବା ପୂର୍ବରୁ ଏକ ବିଶାଳ ର୍ୟାଲି କରିଥିଲେ । ସେହି ର୍ୟାଲିରେ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ ସମେତ ବଡ଼ବଡ଼ ନେତାମାନେ ଉଦ୍‌ବୋଧନ ଦେଇଛନ୍ତି ।

କଂଗ୍ରେସରୁ ଭିଲୁୱାରା ରୁ ପ୍ରାର୍ଥୀ ଥିବା ସି.ପି. ଯୋଶୀ ଓ ବାର୍‌ମେର୍ ରୁ ପ୍ରାର୍ଥୀ ଥିବା ଉମେଦ ରାମ ବେଣୀୱାଲ ତଥା ଝଲୱାର-ବରାନ୍ ରୁ ପ୍ରାର୍ଥୀ ଥିବା ଉର୍ମିଳା ଜୈନ ଭୟା ଆଜି ସେମାନଙ୍କର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । କଂଗ୍ରେସ ମଧ୍ୟ ଏହାର ପ୍ରାର୍ଥୀମାନଙ୍କ ସମର୍ଥନରେ ର୍ୟାଲିମାନ ଆୟୋଜନ କରିଛି ।

# ରାଜ୍ୟସଭା ଓଥ୍

କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗାନ ଓ ଆଉ ୧୧ଜଣ ନବନିର୍ବାଚିତ ରାଜ୍ୟସଭା ସଦସ୍ୟ ଆଜି ଶପଥ ନେଇଛନ୍ତି । ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ପାର୍ଲାମେଣ୍ଟ ସଦନସ୍ଥିତ ତାଙ୍କ ପ୍ରକୋଷ୍ଠରେ ସେମାନଙ୍କୁ ଶପଥପାଠ କରାଇଛନ୍ତି । ଅନ୍ୟ ସଦସ୍ୟମାନେ ହେଲେ ପ୍ରଫେସର ମନୋଜ ଝା, ଧର୍ମଶୀଳା ଗୁପ୍ତା, ସଂଜୟ ଯାଦବ, ହର୍ଷ ମହାଜନ, ସୁଭାଷ ଚନ୍ଦ୍ର, ମେଧା କୁଲ୍‌କର୍ଣ୍ଣି, ଚନ୍ଦ୍ରକାନ୍ତ ହାଣ୍ଡୋରେ, ଜି.ସି. ଚନ୍ଦ୍ରଶେଖର, ଗୋବିନ୍ଦ ଭାଇ ଢ଼ୋଲକିଆ, ସାଧନା ସିଂ ଓ ଅଶୋକ ସିଂ । ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ସମେତ ୫୬ ଜଣ ରାଜ୍ୟସଭା ସଦସ୍ୟ ଚଳିତ ସପ୍ତାହରେ ରାଜ୍ୟସଭାରୁ ଅବସର ନେଉଛନ୍ତି ।

# ଇଡି-ଲ ଆଣ୍ଡ୍ ଅର୍ଡର

ନିର୍ବାଚନ କମିଶନ ଆଜି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ଆଇନଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ସହ ଏକ ବୈଠକରେ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବ । ଏହି ବୈଠକରେ ବେଆଇନ କାର୍ଯ୍ୟକଳାପ ରୋକିବା ଓ ବେଆଇନ ସାମଗ୍ରୀ ଜବତ କରିବା ଉପରେ ଆଲୋଚନା ହେବ । ଆନ୍ତଃ ରାଜ୍ୟ ସୀମା ଓ ଆନ୍ତର୍ଜାତିକ ସୀମାରେ ପହରା ବୃଦ୍ଧି ପାଇଁ ପଦକ୍ଷେପର ମଧ୍ୟ ଏଥିରେ ସମୀକ୍ଷା କରାଯିବ ।

ଗତକାଲି ନିର୍ବାଚନ କମିଶନ ୬ଟି ରାଜ୍ୟ ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତ କରିଥିଲା । ଲୋକସଭା ନିର୍ବାଚନ ଓ ୪ଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତ କରାଯାଇଥିଲା । ସେହିସବୁ ରାଜ୍ୟଗୁଡ଼ିକ ମଧ୍ୟରେ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ବିହାର, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ରହିଛି । ନିର୍ବାଚନ କମିଶନ ମଧ୍ୟ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କୁ ମୁତୟନ କରିଥିଲା ।

# ପିଏମ୍ ଲୁଇସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଲୁଇସ୍ ମୋଣ୍ଟେନେଗ୍ରୋ ପର୍ତ୍ତୁଗାଲ୍ ର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ଭାରତ-ପର୍ତ୍ତୁଗାଲ ସଂପର୍କକୁ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚାଇବା ପାଇଁ ତାଙ୍କ ସହ ମିଶି କାର୍ଯ୍ୟ କରିବାକୁ ସେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ।

# ଶମ୍ଭାଜୀନଗର ଫାୟାର

ମହାରାଷ୍ଟ୍ରର ଛତ୍ରପତି ଶମ୍ଭାଜୀନଗର ସ୍ଥିତ ଛାଉଣୀ ଠାରେ ଆଜି ଭୋରୁ ଏକ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୭ ଜଣ ଲୋକ ପ୍ରାଣ ହରାଇଛନ୍ତି । ଭୋର୍ ୩ଟା ବେଳେ ୩ ମହଲା ବିଶିଷ୍ଟ ସେହି ଅଟ୍ଟାଳିକାରେ ନିଆଁ ଲାଗିଯାଇଥିଲା । ମୃତ ବ୍ୟକ୍ତିମାନଙ୍କ ମଧ୍ୟରେ ୩ ଜଣ ମହିଳା ଓ ୨ ଜଣ ପିଲା ରହିଛନ୍ତି । ମୃତଦେହ ଗୁଡ଼ିକୁ ସରକାରୀ ହସ୍ପିଟାଲକୁ ନିଆଯାଇଥିଲା । ଅଗ୍ନିକାଣ୍ଡର ଘଟଣା ଉପରେ ପୋଲିସ୍ ତଦନ୍ତ କରୁଛି ।

# ଆଇପିଏଲ୍

IPL କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍’ କୋଲକାତା ନାଇଟି ରାଇଡର୍ସଙ୍କୁ ଭେଟିବ । ଏହି ମ୍ୟାଚ୍ ବିଶାଖାପଟନମ୍‌ର YS ରାଜଶେଖର ରେଡ୍ଡୀ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ଗତକାଲି ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ’ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ କୁ ୨୮ ରନ୍‌ରେ ପରାସ୍ତ କରିଥିଲା ।